## ସମ୍ପାଦକୀୟ...

# ବିକଶିତ ଭାରତର ସ୍ୱପ୍ନ

ବିଶ୍ୱରେ ଭାରତ ଭଳି ଅନେକ ରାଷ୍ଟ୍ର ଏପରି ରହିଛି ଯେଉଁମାନେ ଗଣତନ୍ତ୍ର ତଥା ଗଣତାନ୍ତ୍ରିକ ଧାରାରେ ବିଶ୍ୱାସ କରନ୍ତି। ସେଭଳି ରାଷ୍ଟ୍ରରେ ଗଣ ଅବା ଲୋକମାନଙ୍କ ବିକାଶ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା। ବିଶ୍ୱର କୌଣସି ବି ରାଷ୍ଟ୍ର ହେଉନା କାହିଁକି, ଲୋକମାନଙ୍କ ବିକାଶ ଜରୁରୀ। ତେବେ ଗଣତାନ୍ତ୍ରିକ ରାଷ୍ଟ୍ରରେ ଗଣମାନଙ୍କ ବିକାଶ ଯେ ଜରୁରୀ, ଏ କଥାକୁ କେବେ ବି ଅସ୍ୱୀକାର କରାଯାଇନପାରେ। ଏହା ହିଁ ସମ୍ପୂର୍ଣ୍ଣ ଯୁକ୍ତିଯୁକ୍ତ କଥା। ଏଥିରେ କୌଣସି ବୁଝାମଣା ନାହିଁ। ବିଶ୍ୱରେ ଭାରତ ଭଳି ଏକାଧିକ ଗଣତାନ୍ତ୍ରିକ ରାଷ୍ଟ୍ର ରହିଛି। ସେଠାରେ ଦେଶର ସରକାର ହିଁ ମୁଖ୍ୟ। ସେ କେନ୍ଦ୍ର ସରକାର ହୁଅନ୍ତୁ ଅବା ରାଜ୍ୟ ସରକାର, ସେମାନଙ୍କ ଦାୟିତ୍ୱ ହେଉଛି ଲୋକମାନଙ୍କ ସୁଖ ସୁବିଧା ଉପରେ ଗୁରୁତ୍ୱ ଦେବା। ଦେଶର ସାମଗ୍ରିକ ବିକାଶ ସୁନିଶ୍ଚିତ ତେବେ ପ୍ରଥମେ ଲୋକକଲ୍ୟାଣ ଉପରେ ପ୍ରାଥମିକତା ଦେବା ଜରୁରୀ। ଲୋକତନ୍ତ୍ରରେ ଏହା ଜରୁରୀ। ଭାରତରେ ନରେନ୍ଦ୍ର ମୋଦି ସରକାର ବି ସେହି କଥା ଉପରେ ଗୁରୁତ୍ୱ ଦେଉଛନ୍ତି। ସେ ପାଇଁ ତ ଦ୍ୱିତୀୟ ବାର ଆସିଲେ କ୍ଷମତାକୁ। ତେବେ ଦେଶର ବର୍ତ୍ତମାନର ସାଂପ୍ରତିକୀ ସ୍ଥିତିକୁ ଅନୁଧ୍ୟାନ କଲେ କେଉଁଠି ନା କେଉଁଠି କିଛି ତ୍ରୁଟି ଲକ୍ଷ୍ୟ କରାଯାଇପାରେ ଯାହା ଦେଶର ପ୍ରଶାସନିକ କ୍ଷେତ୍ର ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଭିନ୍ନ ଜନହିତକର ଯୋଜନା ମଧ୍ୟରେ ଏପରି ଅନେକ ଯୋଜନା ସବୁ ରହିଛି ଯାହା ଦେଶର ଇତିହାସ ପରିବର୍ତ୍ତନରେ ସହାୟକ ହୋଇପାରିଛି। ସେଥିମଧ୍ୟରେ ରହିଛି କାଶ୍ମୀରରୁ ଧାରା ୩୭୦ ଉଚ୍ଛେଦ ପ୍ରସଙ୍ଗ। ଯାହା ସଂପୃକ୍ତ ଅଞ୍ଚଳରେ ସମ୍ପୂର୍ଣ୍ଣ ଅନାବଶ୍ୟକ ଥିଲା। ଘାଟି ଅଞ୍ଚଳରୁ ସେଭଳି ଆଇନ୍ ଉଚ୍ଛଦରେ ମୋଦିଜୀଙ୍କ ସ୍ୱତନ୍ତ୍ର ପଲିସୀ କାମ କରିଥିଲା ଏବଂ ସେତେବେଳେ ସେହି ପରିସ୍ଥିତି ଦେଶରେ ଏକ ଆଲୋଡ଼ନ ସୃଷ୍ଟି କରିଥିଲା। ଦେଶରେ ଏକ ନୂଆ ଇତିହାସ ସୃଷ୍ଟି କରିଥିଲା। ଏଥିରୁ ମୋଦିଜୀଙ୍କ ସୁପର ପଲିସୀ ବିଷୟରେ ସହଜରେ ଅନୁମାନ କରିହୁଏ। ଭାରତ ସ୍ୱାଧୀନ ହେବାର ଦୀର୍ଘ ବର୍ଷ ବିତିଗଲାଣି। ୧୯୪୭ରୁ ଆଜି ପର୍ଯ୍ୟନ୍ତ ଅର୍ଥାତ୍ ୨୦୨୨ ଇତି ମଧ୍ୟରେ ପ୍ରାୟ ୭୪ବର୍ଷ ବିତିଗଲାଣି।। ଇତି ମଧ୍ୟରେ କେତେ କ'ଣ ହୋଇ ଗଲଣି। ଦେଶରେ କେତେ କ'ଣ ଘଟିଗଲାଣି। ଦେଶରେ ଏହି ୭୪ ବର୍ଷ ସମୟ ମଧ୍ୟରେ ପ୍ରାୟ ଏକ ଡଜନରୁ ଅଧିକ ପ୍ରଧାନମନ୍ତ୍ରୀ ଆସି ଗଲେଣି। ହେଲେ ଦେଶରେ ସେଭଳି କୌଣସି ଖାସ୍ ପରିବର୍ତ୍ତନ ଆସିନି । ଯଦି ବା ସେଭଳି କିଛି ପରିବର୍ତ୍ତନ ଆସିଛି, ଯଦି ବା ସେଭଳି କିଛି ଉନ୍ନତି ଆସିଛି, ତେବେ ତାହା ଦେଶର ସାଧାରଣ ସ୍ୱାର୍ଥକୁ ଦୃଷ୍ଟିରେ ରଖି, ଦେଶର ସାମୂହିକ ସ୍ୱାର୍ଥକୁ ଦୃଷ୍ଟିରେ ରଖି କରାଯାଇଛି। ଯାହା ଦେଶର ସାଧାରଣ ସ୍ୱାର୍ଥକୁ ଦୃଷ୍ଟିରେ ରଖି କରାଯାଇଥାଏ। ଯାହା କେବଳ ଭାରତରେ ନୁହେଁ, ସାରା ପୃଥିବୀରେ ସେଭଳି ମେଣ୍ଟେନ୍ କରାଯାଇଥାଏ। ଦେଶର ସାଧାରଣ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସେପରି କରାଯାଇଥାଏ । ତେବେ ଭାରତର ସାମାଜିକ, ଭୌଗୋଳିକ, ତଥା ଆର୍ଥିକ ବିଚାରଧାରାକୁ ଦୃଷ୍ଟିରେ ରଖି ଯଦି ଚିନ୍ତା କରାଯାଏ, ତେବେ ଭାରତରେ କିଛି ଯୁଗାନ୍ତକାରୀ ପରିବର୍ତ୍ତନର ଆବାଶ୍ୟକତା ଥିଲା, ଯାହା ବହୁ ବିଳମ୍ବରେ ହେଲେ ବି ସିଦ୍ଧି ହୋଇଛି। ଭାରତରେ ଏନଡିଏ ନେତୃତ୍ୱାଧୀନ ବିଜେପି ସରକାରରେ ପ୍ରଧାନମନ୍ତ୍ରୀ ଦାୟିତ୍ୱରେ ଥିବା ମୋଦିଜୀଙ୍କ ସମୟର ଭାରତରେ କିନ୍ତୁ କିଛି ଯୁଗାନ୍ତକାରୀ ପରିବର୍ତ୍ତନ ଆସିଛି। ପ୍ରଥମ ଘଟଣାରେ ଆମେ କାଶ୍ମୀର କଥା ବିଚାରକୁ ନେବା ଯେଉଁ ଅଞ୍ଚଳରେ ଆଜି ବି ଧାରା ୩୭୦କୁ ଝୁରି ହେଉଛନ୍ତି କାଶ୍ମୀରୀ ମୁସଲମାନ୍। ବିଶେଷକରି ସୁନ୍ନିପନ୍ଥୀ ମୁସଲମାନ୍ ଯେଉଁମାନେ କାଲି ବି ଘାଟିରେ ଦାଦାଗିରି କରୁଥିଲେ ଏବଂ ଆଜି ବି ଘାଟିରେ ଦାଦାଗିରି କରୁଛନ୍ତି। ତେବେ କାଲି ଅପେକ୍ଷା ଆଜିର ଦାଦାଗିରି ବହୁତ୍ କମ୍ ହୋଇଯାଇଛି। ଆଗକୁ ଆହୁରି କମ୍ ହୋଇଯିବ। ଯେହେତୁ ଦେଶରେ ଏବେ ମୋଦିଜୀଙ୍କ ସରକାର ଚାଲିଛି। ଏକ ସଚେତନଧର୍ମୀ ସରକାର ଚାଲିଛି। ଆରଏସ୍ଏସ୍ ନୀତି ଆଦର୍ଶରେ ପରିଚାଳିତ ଏନ୍‌ଡିଏ ସରକାର ଦେଶରେ ଏକ ସ୍ଥିର ସରକାର ପ୍ରଦାନ କରିବା ପାଇଁ ସବୁବେଳେ ଉଦ୍ୟମ କରି ଆସିଛି ଯେଉଁଥିରେ କେତେ ଦୂର ସଫଳ ହୋଇଛି, ତାହା ଅବଶ୍ୟ ଭିନ୍ନ କଥା ତେବେ ମୋଦିଜୀ ଦେଶରେ କିଛି ଯୁଗାନ୍ତକାରୀ ପରିବର୍ତ୍ତନ ଆଣିବାର ଯେଉଁ ପ୍ରଚେଷ୍ଟା ଜାରି ରଖିଛନ୍ତି, ସେଥିରେ ସେ ସମ୍ପୂର୍ଣ୍ଣ ସଫଳ ଯଦିଓ ହୋଇନାହାଁନ୍ତି, ତେବେ ଆଗାମୀ ସମୟରେ ଭାରତକୁ ସୁନାର ଭାରତ , ବିକଶିତ ଭାରତରେ ପରିଣତ କରିବାର ସେ ଯେଉଁ ସ୍ୱପ୍ନ ଦେଖିଛନ୍ତି, ତାହାକୁ ସାକାର କରିବାର ଉଦ୍ୟମ ତାଙ୍କର ଅବଶ୍ୟ ଜାରି ରହିବ। ମୋଦିଜୀ ତାଙ୍କ୍ ଉଦ୍ୟମରେ ଭାରତରେ ବିକାଶର ଯେଉଁ ଆଶା ବାନ୍ଧିଛନ୍ତି, ବିକାଶର ଯେଉଁ ସ୍ୱପ୍ନ ଦେଖିଛନ୍ତି, ତାହାକୁ ସାକାର କରିବାରେ ତାଙ୍କର ଉଦ୍ୟମ ଯେ ସକାରାତ୍ମକ, ସେ କଥା ମୋଦିଜୀ ଧୀରେ ଧୀରେ ବିଭିନ୍ନ କ୍ଷେତ୍ରରେ ପ୍ରମାଣିତ କରିବାର ଉଦ୍ୟମ କରି ସଫଳ ହୋଇଛନ୍ତି। କାଶ୍ମୀର କ୍ଷେତ୍ରରେ ପ୍ରଥମତଃ ସେ ପ୍ରମାଣ କରି ଦେଖାଇଛନ୍ତି। ସେ ଅଞ୍ଚଳରୁ ଧାରା ୩୭୦ ଉଚ୍ଛେଦ କରି। ପରେ ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ କରି ଏବଂ ପରେ ଗୁଜରାଟରେ ବିଶ୍ୱର ସର୍ବବୃହତ୍ ଷ୍ଟାଡ଼ିୟମ ନିର୍ମାଣ କରି । ଏହିପରି କେତେ କ'ଣ କରି ଦେଖାଇଛନ୍ତି ସେ ।

## ଜ୍ଞାନାମୃତ

# ସାହାଯ୍ୟର ପାତ୍ର

ପୃଥିବୀରେ ଧନୀ ଅଛନ୍ତି , ଗରିବ ବି ଅଛନ୍ତି। କିଏ ପାଠୁଆ ତ ଆଉ କିଏ ଅପାଠୁଆ ବି ଅଛନ୍ତି। କିଏ ସହରୀ ଅଛନ୍ତି ତ ଆଉ କିଏ ଗାଉଁଲୀ ଅଛନ୍ତି। କିଏ ଅଫିସର ତ ଆଉ କିଏ କିରାଣି। ଏମିତି ବିଭିନ୍ନ ପ୍ରକାର ଲୋକ ଅଛନ୍ତି ସମାଜରେ। ତେବେ ବିଶେଷ କଥା ହେଉଛି ସବୁ ମଣିଷ ସମାନ ନାହାଁନ୍ତି। ମଣିଷ-ମଣିଷ ମଧ୍ୟରେ ବିଭିନ୍ନ ଅସମାନତା ରହିଛି। ଧନରେ ଅସମାନତା, ମନରେ ଅସମାନତା ରହିଛି ଏବଂ ଜ୍ଞାନରେ ବି ଅସମାନତା ରହିଛି। ଏହିଭଳି ବିଭିନ୍ନ ଅସମାନତା ମଧ୍ୟରେ ସମତା ବଜାୟ ରଖିବା ପାଇଁ ମଣିଷ ପକ୍ଷରୁ ସବୁ ସମୟରେ ଉଦ୍ୟମ ଜାରି ରହିଛି। ତଥାପି ସମାଜରେ ସମତା ବଜାୟ ରଖିବା ସବୁବେଳେ ସମ୍ଭବପର ହେଉନି। ମଣିଷ ମଣିଷ ମଧ୍ୟରେ କେଉଁଠି ନା କେଉଁଠି ଅସମାନତା ଦେଖାଦେଉଛି। କେଉଁଠି ଜ୍ଞାନରେ ଅସମାନତା ତ ଆଉ କେଉଁଠି ଧନରେ ଅସମାନତା। ଥରେ ଗୋଟିଏ ସତସଙ୍ଗ ସଭାରେ ଆଧ୍ୟାତ୍ମିକ ପ୍ରବଚନ ଦେଉଥିବା ସମୟରେ ଏହିଭଳି କିଛି ପ୍ରଶ୍ନର ସମ୍ମୁଖୀନ ହୋଇଥିଲେ ଜଣେ ବୁଦ୍ଧିଜୀବୀ ବକ୍ତା। ସଭାସ୍ଥଳ ମଧ୍ୟରୁ କେହି ଜଣେ ହଠାତ୍ ତାଙ୍କୁ ଏପରି ପ୍ରଶ୍ନ କଲେ ଯେ ଦୁନିଆରେ ପ୍ରକୃତ ଧନୀ କିଏ ? ଜ୍ଞାନୀ ବକ୍ତା ତତ୍‌କ୍ଷଣାତ ତାଙ୍କ ଉତ୍ତରରେ କହିଲେ କି ଧନର ଯେ ସଦ୍‌ବ୍ୟବହାର କରେ ସେ ହିଁ ଧନୀ। କେବଳ ନିଜର ସ୍ୱାର୍ଥ ରକ୍ଷା ପାଇଁ , ନିଜର କଲ୍ୟାଣ ପାଇଁ ଯେ ତା'ର ଧନକୁ ବ୍ୟବହାର କରେ ସେ ଦୁନିଆ ଆଖିରେ ଧନୀ ହୋଇପାରେ ହେଲେ ସେଭଳି ଲୋକକୁ ଶାସ୍ତ୍ରସମ୍ମତ ଧନୀ ବ୍ୟକ୍ତି କୁହାଯାଇନପାରେ। ଆବଶ୍ୟକ ପଡ଼ିଲେ ନିଜ ଅର୍ଜିତ ଧନକୁ କେବେ କେବେ ଗରିବ ଅସହାୟମାନଙ୍କ ପାଇଁ ଖର୍ଚ୍ଚ କରାଯାଇପାରେ। ବୁଦ୍ଧିଜୀବୀଙ୍କ ପ୍ରଶ୍ନର ଉତ୍ତର ତାଙ୍କ ମୁହଁରୁ ଶେଷ ନ ହେଉଣୁ ସଭାସ୍ଥଳରେ ଉପସ୍ଥିତ ଅନ୍ୟ ଜଣେ ବ୍ୟକ୍ତି ସେହି ସମାନ ପ୍ରଶ୍ନ ଦୋହରାଇଲେ। ଦାନଧର୍ମ ଅନ୍ୟକୁ ଦେଉଥିବା ବ୍ୟକ୍ତିକୁ ଧନୀ ନୁହେଁ ଦାନୀ କୁହାଯାଇପାରେ। ବ୍ୟକ୍ତିଙ୍କର ଏଭଳି ଯୁକ୍ତିରେ ବୁଦ୍ଧିଜୀବୀ ବକ୍ତା ଜଣଙ୍କ ଅତି ଖୁସିହୋଇ ପୁଣି ସେହି ବ୍ୟକ୍ତିଙ୍କ ପ୍ରଶ୍ନର ଉତ୍ତର ଦେବା ସହ ସଭାରେ ଉପସ୍ଥିତ ଜନତାଙ୍କୁ ବି କିଛି ଉଦ୍‌ବୋଧନ ଦେଲେ। ସେ ବୁଝାଇ କହିଲେ କି ଧନୀ ଆଉ ଦାନୀ ବ୍ୟକ୍ତିଙ୍କ ମଧ୍ୟରେ ଫରକ୍ ଅଛି ନିଶ୍ଚୟ। ଦାନୀ ସେ ଯେ ଅନ୍ୟର ଅସୁବିଧା ସମୟରେ ନିଜ କଥା ଚିନ୍ତା ନ କରି କେବଳ ସେହି ଲୋକର କଥା ଚିନ୍ତା କରିଥାଏ ଯେ ପ୍ରକୃତରେ ସାହାଯ୍ୟର ପାତ୍ର ହୋଇଥାଏ। ହେଲେ ଧନୀ ଲୋକ ବେଳେ ବେଳେ ତା'ର ଧନକୁ ଅନ୍ୟର କାମରେ ଲଗାଇଥାଏ, ସବୁବେଳେ ନୁହେଁ। ଏହା ହିଁ ଫରକ।

# ଭାରତର ସଂବିଧାନ ଓ ରାଷ୍ଟ୍ରପତି

## ଗୋପାଳ ମହାପାତ୍ର

ରାଷ୍ଟ୍ରପତି ନିର୍ବାଚନକୁ ନେଇ ଅନେକ କଥା ଏ ଦେଶର ଜନସାଧାରଣ ଦେଖିଲେଣି। ଗୋଟିଏ କଥା ସ୍ପଷ୍ଟ ଯେ ବିରୋଧି ଦଳମାନଙ୍କର ଏକତା ନାହିଁ। ମମତା ବାନାର୍ଜୀ ରାଷ୍ଟ୍ରୀୟ ରାଜନୀତିରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି ଯାହା ଆଶା କରାଯାଉଥିଲା ତାହା ହେଲା ନାହିଁ। ପ୍ରଥମେ ଶରଦ ପାୱାର ଓ ପାରକ ଅବଦୁଲା ଓ ତା ପରେ ଗୋପାଳକୃଷ୍ଣ ଗାନ୍ଧୀ ବିରୋଧିଙ୍କ ପକ୍ଷରୁ ରାଷ୍ଟ୍ରପତି ପ୍ରାର୍ଥୀ ହେବା ପାଇଁ ମନା କରିଦେଇଥିଲେ। ଏମାନେ ମନା କରିବାର କାରଣ ହେଉଛି ଜିତିବାର ଅନିଶ୍ଚିତତା। ପରେ ତୃଣମୂଳ କଂଗ୍ରେସ ପକ୍ଷରୁ ଯଶବନ୍ତ ସିହ୍ନାଙ୍କୁ ପ୍ରାର୍ଥୀ ହେବାକୁ ପଡିଲା। ଯଦି ପ୍ରଥମରୁ ଯଶବନ୍ତ ସିହ୍ନା ପ୍ରାର୍ଥୀ ହୋଇଥାନ୍ତେ ତେବେ ବିରୋଧିଙ୍କ ପ୍ରତିଷ୍ଠାରେ ଆଞ୍ଚ ଆସିନଥାନ୍ତା। ବିଜେପିଦଳ ଦଳ ପାଇଁ ସମର୍ପିତ ନେତ୍ରୀ ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି ପଦ ପାଇଁ ପ୍ରାର୍ଥୀ କଲା। ଅନେକଙ୍କ ମତ ହେଉଛି ଦ୍ରୌପଦୀ ମୁର୍ମୁଙ୍କ ବିଜୟ ଦେଶର ଆଦିବାସୀମାନଙ୍କୁ ଶସକ୍ତ କରିବ। କ'ଣ ଏମିତି ହେବ ? ଏଯାବତ୍ ଯେତେଜଣ ରାଷ୍ଟ୍ରପତି ହୋଇଛନ୍ତି ସେମାନଙ୍କ ଯୋଗୁଁ ଦେଶର ଲୋକଙ୍କ ସ୍ଥିତି କେତେ ମଜଭୁତ ହୋଇଛି ସେକଥା ସମସ୍ତେ ଜାଣନ୍ତି। ଦେଶରେ ମୁସଲମାନ, ଦଳିତ ଏବଂ ମହିଳା ରାଷ୍ଟ୍ରପତି ହୋଇଛନ୍ତି କିନ୍ତୁ ଏମାନଙ୍କ ପାଇଁ ମୁସଲମାନ, ଦଳିତ ଏବଂ ମହିଳାଙ୍କ ସ୍ଥିତି ସୁଧୁରିଛି କି ? ଏହା କେବଳ ଆତ୍ମଛଳନା ଯାହ ରାଜନୀତିର ପାଣିପାଗକୁ ପରଖି କରାଯାଉଛି, ଦେଶ ପାଇଁ ନୁହେଁ। ଦ୍ରୌପଦୀ ମୁର୍ମୁ ହୁଅନ୍ତୁ ବା ଯଶବନ୍ତ ସିହ୍ନା ସେଇ ଧାରାର ପ୍ରତିନିଧି ଯିଏ ରାଜନୀତି ଓ ଶାସନଗାଦିର ଶକ୍ତି ସହ ଓତପ୍ରୋତ ଭାବେ ଜଡିତ। ଯଶବନ୍ତ ସିହ୍ନା ରାଷ୍ଟ୍ରପତି ପଦ ପାଇଁ ପ୍ରାର୍ଥୀ ହେବା ପୂର୍ବରୁ ତୃଣମୂଳ କଂଗ୍ରେସରୁ ଇସ୍ତଫା ଦେଇଥିଲେ। ତାର କାରଣ ହେଉଛି ସଂବିଧାନରେ ଥିବା ବ୍ୟବସ୍ଥାକୁ ସମ୍ମାନ। ସଂବିଧାନ ଅନୁସାରେ ସଂସଦୀୟ ପ୍ରଣାଳୀର ରାଜନୈତିକ ବ୍ୟବସ୍ଥାର ମୁଖ୍ୟ ଏଭଳି ଜଣେ ବ୍ୟକ୍ତି ହେବା ଆବଶ୍ୟକ ଯିଏ ସଂସଦ ଓ ଶାସନ ସହ ଯୋଡି ହୋଇନଥିବ। କିନ୍ତୁ ପ୍ରଧାନମନ୍ତ୍ରୀ ଏଭଳି ହୋଇପାରିବ ନାହିଁ। କାରଣ ପ୍ରଧାନମନ୍ତ୍ରୀ ଦଳ ଓ ଶାସନ ପାଇଁ ସମର୍ପିତ। ମହାତ୍ମା ଗାନ୍ଧୀ ଏଇଥିପାଇଁ ହିନ୍ଦ୍ ସ୍ୱରାଜ୍ୟରେ ଲେଖିଥିଲେ ଯେ ସେ ପ୍ରଧାନମନ୍ତ୍ରୀଙ୍କୁ ଦେଶଭକ୍ତ ବୋଲି ମାନିବାକୁ ପ୍ରସ୍ତୁତ ନୁହଁନ୍ତି। କାରଣ ପ୍ରଧାନମନ୍ତ୍ରୀଙ୍କ ଅନେକ ନିଷ୍ପତ୍ତିର ଆଧାର ଦେଶହିତ ପାଇଁ ହୋଇନଥାଏ। ନିଜ ଶାସନକୁ ଦେଶହିତର ଆଖ୍ୟାଦେଇ ଅନେକ ଭୁଲ କାମ ମଧ୍ୟ କରାଯାଇଥାଏ। ଆମ ଦେଶର ସମ୍ବିଧାନ ସିଧାସଳଖ କହିଥାଏ ଯେ ସଂସଦୀୟ ରାଜନୀତିର ଆମ୍ପାୟାର ସେ ହିଁ ହୋଇପାରିବ ଯିଏ କୌଣସି ଦଳ ପକ୍ଷରୁ ଖେଳିବ ନାହିଁ ବା ଖେଳିନଥିବ। ଅର୍ଥାତ୍ ନିର୍ଦ୍ଦଳୀୟ ଏବଂ ନିରପେକ୍ଷ ବ୍ୟକ୍ତି ହିଁ ଏହି ପଦବୀରେ ବସିବା ଉଚିତ୍। ଖେଳରେ ଆମ୍ପାୟାରର କାର୍ଯ୍ୟ ଯାହା ସଂସଦୀୟ ରାଜନୀତିରେ ରାଷ୍ଟ୍ରପତିଙ୍କ କାର୍ଯ୍ୟ ମଧ୍ୟ ସେୟା। କ'ଣ ଏମିତି ଜଣେ ବ୍ୟକ୍ତି ମିଳିବା ସମ୍ଭବ ? ଦଳୀୟ ସ୍ୱାର୍ଥର ଊର୍ଦ୍ଧ୍ୱରେ ରହି ଖୋଜିଲେ ଏଭଳି ବ୍ୟକ୍ତି ନିଶ୍ଚୟ ମିଳିବେ। ଦେଶ ସ୍ୱାଧୀନ ହେବା ପର ଠାରୁ ଯେଉଁ ୧୪ ଜଣ ରାଷ୍ଟ୍ରପତି ହୋଇଛନ୍ତି ସେମାନଙ୍କ ମଧ୍ୟରୁ ପ୍ରଥମ, ଦ୍ୱିତୀୟ, ଦଶମ ଓ ଏକାଦଶ ରାଷ୍ଟ୍ରପତି ସମ୍ବିଧାନର ମାର୍ଗଦର୍ଶନର ମାନଦଣ୍ଡକୁ ପୂରଣ କରିଛନ୍ତି। ସର୍ବଶ୍ରୀ ରାଜେନ୍ଦ୍ର ପ୍ରସାଦ, ସର୍ବପଲ୍ଲୀ ରାଧାକୃଷ୍ଣନ, କେ ଆର ନାରାୟଣନ ଏବଂ ଏ ପିଜେ ଅବଦୁଲ କାଲାମ ଦଳୀୟ ରାଜନୀତିରୁ ଦୂରରେ ଥିଲେ ଏବଂ ବିଶିଷ୍ଟ ବ୍ୟକ୍ତିତ୍ୱ ଥିଲେ। ରାଜେନ୍ଦ୍ର ପ୍ରସାଦ ସ୍ୱାଧୀନତା ସଂଗ୍ରାମର ଅନ୍ୟତମ ନେତାଥିଲେ। ରାଜେନ୍ଦ୍ର ପ୍ରସାଦ ସ୍ୱାଧୀନତା ଆନ୍ଦୋଳନର ଅଗ୍ରଭାଗରେ ଥାଇ ମଧ୍ୟ କଂଗ୍ରେସ ଦଳ ସହ ଜଡିତ ନଥିଲେ। ପ୍ରଥମ ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦଙ୍କୁ ଦେଶ ଭୁଲିପାରିବ ନାହିଁ। ରାଷ୍ଟ୍ରପତି କେମିତି ଦରକାର, କ'ଣ କରିବେ-କ'ଣ ନ କରିବେ, କ'ଣ କହିବେ-କ'ଣ ନକହିବେ ସେସବୁର ନିର୍ଦ୍ଧାରଣ କରିଥିଲେ ରାଜେନ୍ଦ୍ର ପ୍ରସାଦ। ପଣ୍ଡିତ ଜବାହାର ଲାଲ ନେହେରୁଙ୍କ ସହ ଅନେକ ପ୍ରସଙ୍ଗରେ ରାଜେନ୍ଦ୍ର ପ୍ରସାଦଙ୍କ ମତଭେଦ ଥିଲା। ତାଙ୍କର ପ୍ରଥମ କାର୍ଯ୍ୟକାଳ ସମୟରେ ସେ ସରକାରଙ୍କ ଅନେକ କଥାକୁ ସିଧାସଳଖ ବିରୋଧ କରିଥିଲେ। ରାଜେନ୍ଦ୍ର ପ୍ରସାଦ ଜଣେ ପ୍ରତିଷ୍ଠିତ ଆଇନ ବିଶାରଦ ଥିଲେ କିନ୍ତୁ ରାଷ୍ଟ୍ରପତି ପଦର ସାମ୍ବିଧାନିକ ଭୂମିକାକୁ ଭୁଲି ନଥିଲେ ଓ ନବଜାତ ଗଣତନ୍ତ୍ରକୁ ନିଜସ୍ୱ ଢାଞ୍ଚାରେ ଠିଆ (ପ୍ରତିଷ୍ଠିତ) କରିବାର ଉଦ୍ୟମ କରିଥିଲେ। ଭାରତର ରାଷ୍ଟ୍ରପତିମାନଙ୍କୁ ଏହି ଉତ୍ତରଦାୟୀତ୍ୱ ରାଜେନ୍ଦ୍ର ପ୍ରସାଦଙ୍କ ପ୍ରସ୍ତୁତ ଢାଞ୍ଚାରୁ ହିଁ ମିଳିଛି। ସର୍ବପଲ୍ଲୀ ରାଧାକୃଷ୍ଣନ ଜଣେ ଦାର୍ଶନିକ ଥିଲେ ଓ ବିଦ୍ୱାନ ଥିଲେ। ସେ ମୁକ ବା ରବରଷ୍ଟାମ୍ପ ରାଷ୍ଟ୍ରପତି ନଥିଲେ। ରାଷ୍ଟ୍ରପତି ପଦର ସାମ୍ବିଧାନିକ ଅଧିକାର ବାବଦରେ ନେହେରୁ ଓ ପରେ ଇନ୍ଦିରାଗାନ୍ଧୀଙ୍କୁ ସଚେତନ କରାଇ ଦେଇଥିଲେ। କେ.ଆର ନାରାୟଣନ ଥିଲେ ଜଣେ ରାଜନେତା ଓ ଅର୍ଥଶାସ୍ତ୍ରୀ। ସେ ଥିଲେ ଦେଶର ପ୍ରଥମ ଦଳିତ ରାଷ୍ଟ୍ରପତି। ଅତି କୁଶଳତାର ସହ ସେ ରାଷ୍ଟ୍ରପତି ପଦର ମର୍ଯ୍ୟାଦା ରକ୍ଷା କରିପାରିଥିଲେ। ସେହିପରି ଅବଦୁଲ କାଲାମ ଅଟଳବିହାରୀ ବାଜପେୟୀଙ୍କର ପସନ୍ଦ ଥିଲେ। ସେ ଦେଶବାସୀଙ୍କର ମଧ୍ୟ ପସନ୍ଦର ରାଷ୍ଟ୍ରପତି ଥିଲେ। କାଲାମ ରାଷ୍ଟ୍ରପତି ପଦର ମର୍ଯ୍ୟାଦା ରକ୍ଷା କରିଥିଲେ ଓ ତାଙ୍କ କାର୍ଯ୍ୟଶୈଳୀ ସାମ୍ବିଧାନିକ ବ୍ୟବସ୍ଥା ଭିତରେ ଥିଲା। ବିଜ୍ଞାନ ଜଗତରୁ ଆସି ରାଷ୍ଟ୍ରପତି ପଦବୀରେ ଅଧିଷ୍ଠିତ ହୋଇଥିବା କାଲାମ ନିରପେକ୍ଷ ନୀତିକୁ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଅଧିକ ଗୁରୁତ୍ୱ ଦେଇଥିଲେ। ଏହି ୪ ଜଣ ରାଷ୍ଟ୍ରପତିଙ୍କ ଗୁଣର ସମନ୍ୱୟ ଆଜିର ରାଷ୍ଟ୍ରପତିଙ୍କ ଭିତରେ ରହିବା ଆବଶ୍ୟକ କାରଣ ଭାରତୀୟ ସଂସଦୀୟ ଗଣତନ୍ତ୍ର ଏବଂ ରାଷ୍ଟ୍ର ରୂପରେ ଭାରତ ଏକ ସ୍ୱର୍ଣ୍ଣକାତର ସମୟ ଦେଇ ଗତିକରୁଛି। ସେତେବେଳେ ସ୍ୱାଧୀନତାକୁ ଏକ ଅର୍ଥପୂର୍ଣ୍ଣ ସ୍ୱରୂପ ଦେବା ପାଇଁ ଏକ ଚ୍ୟାଲେ ଥିଲା ହେଲେ ଏବେ ୭୫ ବର୍ଷର ପୁରୁଣା ସଂସଦୀୟ ଗଣତନ୍ତ୍ରକୁ ଠିକ୍ ରାସ୍ତାରେ ନେବା ପାଇଁ ତଥା ଏହାର ବିକାଶର ସମ୍ଭାବନାକୁ ସାକାର କରିବା ଦିଗରେ ଚ୍ୟାଲେ ରହିଛି। ଧୈର୍ଯ୍ୟ, କୁଶଳତା, ବିଜ୍ଞତା, ସମ୍ବିଧାନ ବାବଦରେ ଅଧିକ ଜ୍ଞାନ ଓ ଏହାପ୍ରତି ପ୍ରତିବଦ୍ଧତା ଏଥିପାଇଁ ଆବଶ୍ୟକ। ଏବେ ଦେଶକୁ ଏମିତି ଜଣେ ରାଷ୍ଟ୍ରପତିଙ୍କର ଆବଶ୍ୟକତା ରହିଛି ଯିଏ ରାଷ୍ଟ୍ର ଓ ସମ୍ବିଧାନ ବ୍ୟତୀତ ଆଉ କିଛି ଦେଖିବ ନାହିଁ। କ'ଣ ଶାସକ ଓ ବିରୋଧୀ ଦଳ ବର୍ତ୍ତମାନର ରାଷ୍ଟ୍ରପତି ପ୍ରାର୍ଥୀଙ୍କ ଭିତରେ ଏଭଳି ଗୁଣ ସବୁ ଦେଖୁଛନ୍ତି ? ଶାସକ ଓ ବିରୋଧି ଦଳ ପ୍ରାର୍ଥୀଙ୍କ ଭିତରେ ଏସବୁ ଗୁଣ ବୋଧହୁଏ ଦେଖୁଛନ୍ତି। ଶାସକ ଓ ବିରୋଧୀ ଦଳ ପ୍ରାର୍ଥୀଙ୍କ ଭିତରେ ଏସବୁ ଗୁଣ ବୋଧହୁଏ ଦେଖୁଛନ୍ତି। ସେମାନେ ରାଷ୍ଟ୍ରପତି ପଦରେ ଦଳର ଜଣେ ବ୍ୟକ୍ତିଙ୍କୁ ଅଧିଷ୍ଠିତ କରାଉଛନ୍ତି। ଫଳତଃ ଆଗାମୀ ଦିନରେ ସେ ତାଙ୍କଦଳ ପାଇଁ କାମ କରିବେ। ଏଣୁ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ଏଥିରେ ରାଷ୍ଟ୍ର ରହିଲା କେଉଁଠି ?

**ରାମଚନ୍ଦ୍ରପୁର, ରଣପୁର, ମୋ- ୯୪୩୮୪୮୫୦୯୪**

# ଗାଁର ଦିନ ଟିଏ

## ଡାଃ ସୁରେନ୍ଦ୍ର ନାଥ ଦାଶ

ସକାଳର ସୂରୁଯ ତାର ସୁନେଲି କିରଣ ଢାଳିବା ଓ ସଂଜର ମଇଳା ଅନ୍ଧାର ଘୋଟିବା ମଧ୍ୟରେ ଦୂର ଗଛର ଗହଳି ମଧ୍ୟରେ ରାସ୍ତା ଘାଟ ନଥିବା ଛୋଟ ଗାଁ ର ଦିନ ଟି ଯେ କେତେ ମଧୁର ଥିଲା, ଆଜିର ସହରୀ ଲୋକମାନେ ସେ କଥା ଭାବି ପାରିବେ ନାହିଁ। ବାଟ ଘାଟ ନଥିବା ସେହି ଅପନ୍ତରା ଯାଗାକୁ କେତେ ଯେ ଅତିଥୀ ଆସୁଥିଲେ ତାହା ଆଜି କଳ୍ପନା କରିହୁଏନି। ବଢି ମରୁଡ଼ି ରେ ସଢି ଶାଗ ପଖାଳ ଖାଇ ଅଧା ଲଙ୍ଗଳା ମଣିଷ ମାନେ ପତ୍ର କୁଡିଆ ଭିତରେ ଯେଉଁ ନୈସର୍ଗିକ ସୁଖ ଅନୁଭବ କରୁଥିଲେ,ତାହା ଏ ପିଢି ର ଅଭିଜାତ ମଣିଷ ବୁଝିବ କିପରି ? ଗାଁ ଦାଣ୍ଡରେ ସକାଳର କିରଣ ପଡିବାର ଅନେକ ଆଗରୁ ,ପାହାନ୍ତି ତାରା ଉଠୁଉଠୁ ଶଗଡିଆ ଭାଇ ତାର କସରା ନାଲିଆ ବଳଦ ଙ୍କୁ ଶଗଡରେ ଯୋଡି, "ରାମ ଲକ୍ଷଣ ଯେ ଗଲେ ମୃଗ ମାରି, ରାମର ଭାରିଜାକୁ ରାବଣ କଲା ଚୋରି" ଗୀତ ଗାଇ ଦୂର କିଆ ଗୋହରୀରେ ଅଦୃଶ୍ୟ ହୋଇଯାଏ । ଦୂର ରୁ ବଳଦ ଙ୍କ ଘାଗୁଡି ଶବ୍ଦ କେବଳ ତାର ଉପସ୍ଥିତି ଜଣାଇ ଦେଉଥାଏ। ପରେ ପରେ ମନ୍ଦିର ରୁ ଘଣ୍ଟା ଧ୍ୱନି ଭାସି ଆସେ । ଘର ଚାଳରେ ଡାମରାକୁଆ ବସି କାଆ ଡାକ ଦେଉଥାଏ, ଆଉ ପୁତ୍ର ବିଧୁରା ମାଆ ନିଜ ର ବିଦେଶରେ ଥିବା ପୁଅ ର ଶୁଭ ମନାସି ଚାଉଳ ମୁଠା ପକାଇ ଗାଇଉଠେ – ଡାମରାକାଉରେ ଡାମରା କାଉ ଉଚ୍ଚ ପରବତେ ବୋବାଇ ଥାଉ ଉଚ୍ଚ ପରବତେ ବାନ୍ଧିଚୁ ଘରବାରତା ଆଣିବୁ ପୁଅର ମୋର ।

ସୂରୁଜ କିରଣ ଟାଣ ହେଉ ହେଉ ଗାଁ ଦାଣ୍ଡରେ ଭାସିଆସେ କେନ୍ଦରା ର ଧ୍ୱନି ସହ ଗୀତ, "ଭଜୁ କିନା ରାମ ନାମରେ କୁମର ଭଜୁ କିନା ରାମ ନାମ, ଭଜି ନପାରିଲେ କୁଳ ଚନ୍ଦ୍ରମାରେ ବାନ୍ଧି ନବ କାଳ ଯମ ।" କାନ୍ଧରେ ଲାଉ ତୁମ୍ବା, ପିଠି ରେ କନ୍ଥା. ନାଥ ପୁଅ ଗାଇ ଗାଇ ଚାଲି ଯାଏ ଗାଁ ଦାଣ୍ଡରେ । ଧାଇଁ ଆସନ୍ତି କୁଳ ବଧୂ, ନାଥ ଥାଳ ଦାଣ୍ଡରୁ ଖାଲି ଫେରିବାର ନୁହେଁ । ପାତ୍ର ରେ ଚାଉଳ ପଇସା ଆଣି ଅଜାଡି ଦିଅନ୍ତି । ଯୋଗୀ ଆଗେଇ ଚାଲେ, ଦାଣ୍ଡରେ କେନ୍ଦରା ବଜାଇ। ଚକୁଳିଆ ପଣ୍ଡା,ହାତରେ ତାଳ ପତ୍ରର ଛତା, କାନ୍ଧରେ ଝୁଲା, କପାଳରେ ତିଳକ । ଗାଉ ଥିଲେ,"କାର୍ତ୍ତିକ ମାସରେ ଯଦି ବ୍ରାହ୍ମଣ କୁ ଦେବ ପାଚଲା ବାଳରେ ମାଗୋ ସିନ୍ଦୁର ପିନ୍ଧିବ ଦେଇଥିଲେ ପାଇ ସିନା ରୋଇଥିଲେ ଦାଇ ଦବା ଠାରୁ ମହାପୁଣ୍ୟ ସଂସାର ରେ ନାହିଁ।" ବାମନା ବତାର ପଣ୍ଡା ଗୋସେଇଁ, ପିଲାକୁ ଆଣି ତା ପାଦ ତଳେ ଗଡେଇ ଦେଇ ବଧୂ ମାନେ ଥାଳିରେ ଅଜାଡି ଦିଅନ୍ତି ଭିକ୍ଷା । ସକାଳର ଖରା ଟାଣ ହୋଇଆସେ । ଗାଁ ଦାଣ୍ଡରେ ହମ୍ବା ରଡି ଶୁଭେ । ଗଉଡିଆ ପିଲା ହୁଟହୁଟ କହି ଗୋରୁପଲ ଙ୍କୁ ଚରାଇବାକୁ ବାହାରିପଡେ । ଚାଟଶାଳୀ ପିଲା ମାନେ ଚଟାଇ ବ୍ୟାଗ ଧରି ଦାଣ୍ଡରେ ଦଉଡା ଦଉଡି ହେଉଥାଆନ୍ତି । ଗାଁ ଦାଣ୍ଡରେ ଦେଖାଦିଏ ପାଞ୍ଜି ଜକା ନାହାକ,ଗ୍ରହବିପ୍ର । ଘରେ ଘରେ ତିଥି ନକ୍ଷତ୍ର ମାସନ୍ତ ସଂକ୍ରାନ୍ତି, ଗ୍ରହଣ ,ଶ୍ରବଣା ,ବିବାହ ବ୍ରତ ଯୋଗ ବିଷୟରେ ଅବଗତ କରି ନିଜ ପାଉଣା ଆଦାୟ କରେ । ପିତଳ ଗଡୁରେ ପାଦୁକ ବେଲପତ୍ର (ଧଣ୍ଡା) ଧରି ମା ହରଶଣ୍ଡି,ଓ ସରେଶ୍ୱର ମହାଦେବ ଙ୍କ ରାଉଳ ପୁଜାରୀ ଆସି ଦାଣ୍ଡରେ ଡାକ ଦେଲାଣି, "ମାଆ ପାଦୁକ ନିଅ।" କାନ୍ଧରେ ବାଇସ୍କୋପ ପକାଇ ଲୋକ ହାଜର। ପିଲା ମାନେ ଅଳି କରୁଚନ୍ତି, "ଦିଇ ପଇସା ଦେ ମାଆ, ବାଇସ୍କୋପ ଦେଖିବୁ।" କଳି ଯୁବ ଭେଣ୍ଡା, ହାଓଡା ପୋଲ କେତେ କଣ ବିଚିତ୍ର ଛବି । ମୁଲିଆ ମାନେ ବିଲ କୁ ବାହାରିଲେଣି । ଲଙ୍ଗଳ ହଳ ଯୋଖି ବିଲରେ ଚାଷ ଆରମ୍ଭ କଲାଣି ଚଷା ପୁଅ । ମୁଣ୍ଡ ଉପରେ ଗେଣ୍ଡାଳିଆ ପକ୍ଷୀ ପର କେତଟା ଝାଡି ଦେଇ ଉଡି ଯାଉଚି । ଭସା ମେଘ ଅଜାଡି ଦଉଚି ପାଣି ମଝିରେ ମଝିରେ । ଦାଣ୍ଡ ରେ ବଣି, ଚଟିଅ. ପାରା କୁଆ ମାନେ କିଚିରି ମିଚିରି ଶବ୍ଦ କଲେଣି । ନଡିଆ ଗଛ ବାହୁଙ୍ଗାରୁ ପବନରେ ବାୟା ବସା ଦୋହଲୁଚି, "ବାଆ ହେଲେ ବସା ଦୋହଲୁ ଥାଏ. ବାୟା ଚଢେଇ ର କିସ ଯାଏ ।" କାନ୍ଧରେ ଲୁଗା ବିଡା ପକାଇ ଧୋବା ଘର ଘର ବୁଲିଗଲାଣି । କତୁରୀ, ଖୁର ମୁଠି ଧରି ଗାଁ ବାରିକ ଗଛ ମୂଳେ ବସି ବାଳ କଟା ଆରମ୍ଭ କଲାଣି । ଗା ମୁଣ୍ଡ କମାର ଶାଳରେ ନିଆଁ ଜାଳି କମାର ପିଲା ଲୁହା କୁ ପିଟୁଚି, ଢଢ ଶବ୍ଦରେ କାନ ଅତଡା ପଡୁଚି । ଦୂଆର ମୁହଁରେ କେଲୁଣୀ ବାଇ ତାର ମନୋହରୀ ପସରା ଘରର ଝିଅ ମାନ ଙ୍କୁ ଦେଖାଉଚି, ସ୍ନୋ, ପାଉଡର ଅଳତା.ବାସନା ତେଲ, କୁଙ୍କୁମ, ରିବନ. ମୁଣ୍ଡ କଣ୍ଟା,ମୁଦି ,ମାଳି ଆଦି। ଦୂର ରେ କେଳା ବସି ତାର ନଳ ସଳଖୁ ଥାଏ । ପାଖ ଗଛରେ ବସିଥିବା ଚଢେଇ ତାର ଲକ୍ଷ୍ୟ । ଗା ଦାଣ୍ଡରେ ଶୁଭୁଚି ଢୋଲକି ବାଜା । ବାଉଁଶ ରାଣୀ ଆସିଚି । ଦଉଡା ଦଉଡି ଲାଗିଲାଣି ପିଲାଙ୍କର । ପୋତୁଛି ଖୁଣ୍ଟ ,ଦଉଡି ବାନ୍ଧିଲାଣି । ବାଡି ଖଣ୍ଡେ ଧରି ବାଉଁଶ ରାଣୀ ତା ଉପରେ ଚାଲିବ, ଶୂନ୍ୟରେ ଦେଖାଇବ ଖେଳ । ଆସିଲାଣି ସାପୁଆ କେଳା । ପେଡିରେ ବିଷଧର ସାପ । ବାଜିଲାଣି ଡମ୍ବରୁ । "କଂସର ଘରଣୀ ପଦ୍ମାବତୀ ରାଣୀ, ତାପାଇଁ ଲୋଡା ପଦ୍ମ ସହସ୍ର ଭାର, କାଳୀୟ ହ୍ରଦରୁ । ଛାଡ ଛାଡ ବୋଲି କାହାର ଆଜ୍ଞା ନିତେଇ ମା ଧୋବର୍ଣି ପିତେଇ ଶଉରୁଣୀ ର କୋଟି କୋଟି ଆଜ୍ଞା ।" ସାପଟି ଫଣା ହଲାଇ ସତେ ଯେମିତି ଶୁଣୁଚି । ଫୁ ଶବ୍ଦ କରି ଫଣା ଟେକି ସପେରାର ହାତ କୁ ମାରିବାକୁ ଛୁଟି ଆସୁଛି । ମାତ୍ର ସାପୁଆ ହୁସିଆର । ପାଖରେ ଅଛି ଅବ୍ୟର୍ଥ ଗଦ । ସାପ କଣ କରିବ ? ଆସିଲାଣି ମୁଣ୍ଡପୋତା କେଳା । ପେଟ ପାଇଁ ନାଟ । ଡହ ଡହ ଖରାରେ ତତଲା ମାଟି ତଳେ ମୁଣ୍ଡ ପୋତିଛି, ପାଖରେ ଡମ୍ବରୁ ବଜାଉଛି ତା ସ୍ତ୍ରୀ । ପଇସା ଦବାକୁ ବିକଳରେ କହୁଚି। ମୁଣ୍ଡ ପୋତାବେଳେ ଯାହା ଦେଲେ ନବ, ପରେ ନୁହଁ । ହଲଉଚି ମାଜିକ ମୁଣି । ତା ଶୂନ୍ୟ ଗର୍ଭରୁ ବାହାରୁଚି ମିଠେଇ, ଫୁଲ, ଅଣ୍ଡା, କେତେ ଜିନିଷ,ତାଜୁବ ହେଉଚନ୍ତି ଦର୍ଶକ ମାନେ । ଉଦୁଉଦୁଆ ଖରା ବେଳ। କୁଆ କୋଇଲି ବି ବିଶ୍ରାମ ଚାହାନ୍ତି। ନାଥ ଥକି ଯୋଇଚି। ଯାହା ଘରେ ଯାହା ରୋଷେଇ ହୋଇଚି ଥାଳରେ ଦଉଛନ୍ତି । ଦୂର ଗଛ ମୂଳକୁ ଯାଇ ଆହାର କରିବ । ଗଛ ଛାଇ ରେ ବିଶ୍ରାମ ନବ । ଦାଣ୍ଡରେ ଘଣ୍ଟା ଶୁଭୁଚି । କାକଟପୁର ମାଆ ମଙ୍ଗଳାଙ୍କ ସେବକ ତାଙ୍କ ପ୍ରତିମା ଧରି ଭିକ୍ଷା ମାଗୁଚି । ରଣପା ଚଢି ଶାରଳା ଙ୍କ ରାଉଳ ଆସିଛି । ହନୁମାନ ମୁଖା ପିନ୍ଧି ରଘୁନାଥ ମଠରୁ ମାନସିକ ହନୁମାନ ଆସଛନ୍ତି। ବାୟା ବାବା ଙ୍କ ଚେଲା ମାନେ କୀର୍ତ୍ତନ କରି ଦାଣ୍ଡରେ ଚାଲିଛନ୍ତି । ଫେରିବାଲା ଦାଣ୍ଡରେ ଡାକ ଦେଲାଣି । ଗାଁ ଝିଅଙ୍କ ପାଇଁ କେତେ ଜାତିର ଜିନିଷ । ବାଡିରେ ଝୁଲୁଚି ରଙ୍ଗିନ ରିବନ ଫିତା, ବେଲୁନ,ଚୁଡି କେଶ । ଦର କସାକସି ଲାଗିଛି । ବମ୍ବେ ମିଠାଇ ବାଲା, ମାଛ ବାଲା, ସବୁ ଡାକ ଦଉଛନ୍ତି । କୋଳାହଳ ମୟ ହୋଇପଡେ ଗାଁ ଦାଣ୍ଡ । ଧିରେଧିରେ ସଂଜ ନଇଁ ଆସେ । ପକ୍ଷୀ ମାନେ ଫେରିଯାଆନ୍ତି ନିଜର ନୀଡକୁ। ଗୋରୁପଲ ହମ୍ବାରଡି ଦେଇ ଘର ମୁହାଁ । ମାଆ ମାନେ ନିଜ ପିଲା ନାଁ ଧରି ଉଚ୍ଚ ସ୍ୱରରେ ଡାକୁ ଡାକୁ ଥାଆନ୍ତି। ତୁଳସୀ ଚଉରା ମୂଳେ ସଂଜବତୀ ବୋହୁ ଜାଳି ଦେଲାଣି। ଚାଳ ଉପରୁ ରୋଷେଇ ଧୂଆଁ କୁଣ୍ଡଳୀ ହୋଇ ଶୁନ୍ୟ କୁ ଉଠିଯାଉଚି। ବାଡରେ ଜହ୍ନିଫୁଲ ଫୁଟିଛି, ପୋଖରି ରେ କଇଁ ଫୁଟିଲାଣି। ମନ୍ଦିର ରୁ ଶଂଖ ଓ ଘଣ୍ଟା ଧ୍ୱନି ଭାସି ଆସୁଛି । ଘରକୁ ଫେରିନଥିବାରୁ କା ମାଆ ଖୁବ ଜୋର ରେ ପୁଅକୁ ଡାକ ଛାଡୁଚି । ଜଗନ୍ନାଥ ଧାମକୁ ପାଦରେ ଚାଲି ଯାଉଥିବା କିଛି ଯାତ୍ରୀ ଭାଗବତ ଘରେ ଆଜି ଆଶ୍ରୟ ନେଇଛନ୍ତି । ଗାଉଛନ୍ତି,"କେଣେ ଘେନି ଯାଉଛ ଜଗନ୍ନାଥଙ୍କୁ।" ଭାଗବତ ଘରେ ପୁରାଣ ପାଠ ଚାଲିଛି । ଯାତ୍ରା, ପାଲା, ଦଶ କାଠିଆ ଘୋଡା ନାଚରେ ରାତି ରଙ୍ଗିନ ହୋଇଉଠିଚି ଅପନ୍ତରା ଗାଁର। ଗହିରରୁ ବିଲୁଆ ଗୁଡା ଏକା ସାଙ୍ଗରେ ହୁକେ ହୋ ରଡି ଛାଡିଲେଣି । ତାର ପ୍ରତିବଦଳରେ ଗାଁର କୁକୁର ଗୁଡାକ ଭୁକୁଛନ୍ତି। ଆରକଡ ଗହିର ମଥାରେ ଘଡି ମାରି ଜହ୍ନ ଉଠିଛି। ପତଳା ଅନ୍ଧାର ତଳେ ଛୋଟ ଗାଁ ଟି ସବୁଜ ଚାଦର ତଳେ ଶୋଇପଡିଲାଣି । ଚଉକିଆ ଭାଇ ଡାକ ଦେଉଚି,"ହୁସିଆର ଜାଗତ ରହୋ ।" ଗହମ ନିଦରେ ନିଶ୍ଚିନ୍ତରେ ଶୋଇପଡିଛନ୍ତି ଗାଁର ଲୋକ ମାନେ । "ଛୋଟ ମୋର ଗାଁ ଟି, ଭୁଗୋଳ ପୋଥି ପତରେ ପଛେ ନଥାଉ ତାର ନାଆଁଟି। ମାଟିରେ ଏହି ସରଗ ମୋର, ଏଇଠି ଥିଲା ମୋ ଷଠି ଘର, ଏଇଠି ପୁଣି ଜଳିବ ଶେଷେ, ମୋଅର ଜୁଇ ନିଆଁଟି: ଶଚ୍ଚି ରାଉତରାୟ

**ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ, ନବରଙ୍ଗପୁର, ମୋ: ୯୪୩୭୨୩୫୩୮୬**

# ଏକ ସୁଖଦ ସ୍ୱପ୍ନ

## ଅନୀତା ପଟ୍ଟନାୟକ

ସ୍ୱପ୍ନ କ'ଣ ସାକାର ହୁଏ ? ରଥଯାତ୍ରାର କିଛି ଦିନ ପୂର୍ବରୁ ମୁଁ ଯେଉଁ ସ୍ୱପ୍ନ ଦେଖିଥିଲି ତାହାକୁ ମୁଁ ଆପଣ ମାନଙ୍କ ନିକଟରେ ବର୍ଣ୍ଣନା କରିବାକୁ ଚାହୁଁଛି। ଏପରି ସ୍ୱପ୍ନ ମୋ ଜୀବନର ଗୋଟିଏ ସୁଖଦ ସ୍ୱପ୍ନ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ। ସ୍ୱପ୍ନରେ ଦେଖିଲି ନୀଳବର୍ଣ୍ଣର କୃଷ୍ଣ ହାତରେ ଏକ ଲହୁଣୀଭରା ବଲ ସଦୃଶ ଲହୁଣୀ ଧରିଛନ୍ତି। ମୁହଁରେ ଓ ନାକରେ ଗୁଡାଏ ଲହୁଣୀ ଲାଗି ଯାଇଛି କୃଷ୍ଣ କହୁଛନ୍ତି ଲୋକେ ମତେ ଲବଣୀଚୋର ବୋଲି କହିଥାନ୍ତି। ତୋପରି ପଣ୍ଡିତା ମାନେ ଲହୁଣୀକୁ ହୃଦୟ ଓ ମନ ସହିତ ତୁଳନା କରି ଚିତ୍ତଚୋର ଆଖ୍ୟା ମଧ୍ୟ ଦେଇଥାନ୍ତି। କିନ୍ତୁ ମୁଁ ତା ଠାରୁ କିଛି ଅଧିକ ଚାହେଁ। ଏପରି ସ୍ୱପ୍ନ ଦେଖିଥିଲି, କାରଣ ଆମେ ଏପରି କର୍ମ କରିବା ଦରକାର। ଯେପରି ଭଗବାନ ଆମକୁ ଖୋଜି ଆସିବେ। ଆମେ ତାଙ୍କ ନିକଟୁ ଯିବା ଭଳି ନୁହେଁ।ଏ କି ସ୍ୱପ୍ନ ? ଏପରି ଭଙ୍ଗା ଭଙ୍ଗା କାହିଁକି ? ତାଳ ମେଳ ରହୁନି କାହିଁକି ? କିଛି ଦିନ ଗଲା ପରେ ପୁଣି ଏକ ସ୍ୱପ୍ନ ଦେଖିଲି ଗୋଟିଏ ଛୋଟ ସହର କିନ୍ତୁ ପୁରୀ ପୁରୀ ପରି ଜଗନ୍ନାଥ ମନ୍ଦିର। ବୃନ୍ଦାବନର ଜୀବନ୍ତ ଶ୍ୟାମଳ ଚେହେରା ଓ ନୀଳ ଆଖି ବଦଳରେ ବିରାଜମାନ ଅଛନ୍ତି କାଷ୍ଠରେ ନିର୍ମିତ ଦାରୁବ୍ରହ୍ମ ଓ ତାଙ୍କର କଳା ଚକା ଆଖି। ମନ୍ଦିରଟି ସେହି ଗ୍ରାମର ଠିକ ମଧ୍ୟବର୍ତ୍ତୀ ସ୍ଥଳରେ ରହିନଥିଲେ ମଧ୍ୟ କୋଟି କୋଟି ଲୋକଙ୍କର ଜନସମାଗମ ଏବଂ ସତେ ଯେପରି ଏହା ମାନବ ମାନଙ୍କର ଜୀବନରେ ମଧ୍ୟସ୍ଥଳୀ ଭଳି ପ୍ରତୀୟମାନ ହେଉଥିଲା। ଏହା ମନ୍ଦିରର ବଡ଼ପଣ୍ଡାଙ୍କ ଯୋଗୁଁ ହୋଇପାରିଛି ବୋଲି ଲୋକେ କଥାବାର୍ତ୍ତା ହେଉଥିଲେ। ଦାରୁବ୍ରହ୍ମ ଜୀବନ୍ତ। ମନୁଷ୍ୟର ସବୁ ଆଶାକୁ ପୂରଣ କରୁଛନ୍ତି। ବଡ଼ପଣ୍ଡାଙ୍କ ଠାରୁ କଥା ଶୁଣୁଛନ୍ତି ଓ ଅନ୍ନପ୍ରସାଦ ଗ୍ରହଣ କରୁଛନ୍ତି ବୋଲି ମଧ୍ୟ କଥାବାର୍ତ୍ତା ହେଉଥାନ୍ତି, ସ୍ୱପ୍ନ ଭାଙ୍ଗିଯାଉଛି। ପୁଣି ଏକ ଦିନର ସ୍ୱପ୍ନ। ବଡ଼ପଣ୍ଡାଙ୍କ ନିକଟରେ ଆଖପାଖ ଗ୍ରାମର ଅନେକ ଲୋକ ବେଢ଼ିଛନ୍ତି। ସମସ୍ତଙ୍କ ହାତରେ କାମନାର ଲମ୍ବା ତାଲିକା ଅନେକ ଦୁଃଖଭରା ନିବେଦନପୂର୍ଣ୍ଣ। ବଡ଼ପଣ୍ଡା କହୁଥାନ୍ତି ପିଲାମାନେ ବ୍ୟସ୍ତ ହୁଅନାହିଁ ତୁମର ସବୁ ଦୁଃଖ ତାକୁ ଜଣାଇବି ତେଣିକି ତାର ଇଚ୍ଛା। ସ୍ୱପ୍ନରେ ଦେଖିଲି ବଡ଼ପଣ୍ଡା ବର୍ଷ ବର୍ଷ ଧରି ତାଲିକା ଭିତରୁ ସିଏ ଯାହାକୁ ଉତ୍ତମ ବୋଲି ଭାବୁଛନ୍ତି ସେଗୁଡ଼ିକୁ ଜଗନ୍ନାଥଙ୍କ ପାଦ ପଦ୍ମରେ ଅର୍ପଣ କରୁଛନ୍ତି ଓ ଦାରୁ ମଧ୍ୟରୁ ଗୋଟିଏ ସୁନ୍ଦର କୃଷ୍ଣବର୍ଣ୍ଣର କିଶୋର ବାହାରି ଆସୁଛନ୍ତି। ମସ୍ତକରେ ମୟୂରଚୂଳ, ହାତରେ ବଂଶୀ କଣ୍ଠରେ ବୈଜୟନ୍ତୀ ହାର, ହାତରେ କଙ୍କଣ ଓ ପାଦରେ ନୁପୂର। ବଡ଼ପଣ୍ଡା ତାଙ୍କ ପାଦତଳେ ପଡ଼ି ଯାଉଛନ୍ତି ଜୀବନ୍ତ କୃଷ୍ଣଙ୍କର ପାଦରେ ମଥାରଖି ସେ ଦିବ୍ୟରୂପକୁ ଦର୍ଶନ କଲା ବେଳେ ଆଖିର ଲୁହ ଜରି ପଡ଼ି ସେ କୋମଳ ପାଦ ଦୁଇଟିକୁ ଧୌତ କରିଦେଉଛି ଓ କିଛି ସମୟ ପରେ ଉଠିପଡ଼ି ସୁବର୍ଣ୍ଣ ଥାଳିରେ ବଢ଼ାଯାଇଥିବା ନୈବେଦ୍ୟକୁ ଗ୍ରହଣ କରିବା ପାଇଁ ଅନୁରୋଧ ରଖୁଛନ୍ତି। ନୈବେଦ୍ୟ ଗ୍ରହଣ ଢ଼ଙ୍ଗରେ କିଶୋର କୃଷ୍ଣ ବସି ପଡୁଛନ୍ତି ଥାଳିରୁ କିଛି ନୈବେଦ୍ୟ ଅଦୃଶ୍ୟ ହୋଇଯାଉଛି ଓ ଆନନ୍ଦରେ ହାକୁଟି ମାରି ବଡ଼ପଣ୍ଡାକୁ ପଚାରୁଛନ୍ତି ଆଜି ତୁମର ଲମ୍ବା ତାଲିକା ଦେବନାହିଁ ? ବଡ଼ପଣ୍ଡା ଲମ୍ବା ତାଲିକାକୁ ବଢ଼ାଇ ଦେଉଛନ୍ତି ଓ ଅନୁରୋଧ କରୁଛନ୍ତି ଆପଣଙ୍କର ଲୀଳାବଳରେ ଦୁଃଖୀ ମାନଙ୍କର ଦୁଃଖ ଦୂରହୁଏ। ଏପରି ବର୍ଷ ବର୍ଷ ଧରି ଲୋକଙ୍କର ଲମ୍ବା ତାଲିକା ଧରି ବଡ଼ପଣ୍ଡା ଯାଉଥିଲେ ହେଁ ମୁଁ ସ୍ୱପ୍ନରେ ଦେଖୁଛି ଏକ ସୁନ୍ଦରୀ ତରୁଣୀ ନାମ ତାର ଶ୍ୟାମଳୀ ଆଖିଲୁହରେ ଭରା ପାଦ ଧୀର, ସେ ବଡ଼ପଣ୍ଡାଙ୍କ ସହ ଚାଲୁଥିଲେ ମଧ୍ୟ କାମନାର ତାଲିକା କେବେ ବଢ଼ାଉନାହିଁ। ସବୁ ଭକ୍ତମାନେ ଚାଲିଗଲା ପରେ ମଧ୍ୟ ନୈବେଦ୍ୟ ଅର୍ପଣ ପାଇଁ ପହଡ଼ ପଡ଼ି ଯାଉଥିଲେ ମଧ୍ୟ ଆଖିରୁ ଝର ଝର ଲୁହ ଝରାଏ ହେଲେ ତାର ମନର ବେଦନାକୁ କେବେ ବି ବଡ଼ପଣ୍ଡାଙ୍କ ନିକଟରେ ପ୍ରକାଶ କରେନାହିଁ। ଶ୍ୟାମଳୀ ଦେଖିବାକୁ ଏତେ ସୁନ୍ଦରୀ ଓ ମନମୁଗ୍ଧକାରୀ ଥିଲା ଯେ ତାହାର କ୍ରନ୍ଦନ ଓ ଲୁହର ଟୋପା ସତେଯେପରି କୃଷ୍ଣଙ୍କର ପାଦଯୁଗଳକୁ ମୁକ୍ତାହାର ରୂପକ ଲୁହରେ ସଜ୍ଜିତ କରୁଥିଲା। ବଡ଼ପଣ୍ଡାଙ୍କ ମନରେ ଅସୁମାରୀ ପ୍ରଶ୍ନ। ଶ୍ୟାମଳୀ ଚାହୁଁଛି କ'ଣ ? ତାର ଦୁଃଖକୁ କାହିଁକି ପ୍ରକାଶ କରୁନାହିଁ। ତାର ମନରେ କି ବେଦନା ? ତାର କାମନା କ'ଣ ପୂର୍ଣ୍ଣ ହେବା ଯୋଗ୍ୟ ନୁହେଁ ? ଅନେକଥର ତା ନିକଟକୁ ଯାଇ କିଛି ଶ୍ୟାମଳୀକୁ ପଚାରିବେ ବୋଲି ଭାବନ୍ତି ହେଲେ କାର୍ଯ୍ୟ ବ୍ୟସ୍ତତା ଓ ଭକ୍ତଙ୍କର ଭିଡ଼ ଏସବୁ କରାଇ ଦିଏନା। କାଳେ ଶ୍ୟାମଳୀକୁ ତାର ଦୁଃଖକଥା ପଚାରିଲେ ଏହା ତା ମନକୁ ଆଘାତ ଦଇପାରେ ଏକଥା ମଧ୍ୟ ବଡ଼ପଣ୍ଡାଙ୍କର ନପଚାରିବାର କାରଣ ଥିଲା। ଦିନେ ବଡ଼ପଣ୍ଡାଙ୍କ ପାଇଁ ଶ୍ୟାମଳୀର ଦୁଃଖ ଅସହ୍ୟ ହେଲା। କୃଷ୍ଣଙ୍କର ଆଗମନ ପରେ ପ୍ରଣାମ ନକରି ଆଶ୍ଚର୍ଯ୍ୟ ଚକିତ ହୋଇ କୃଷ୍ଣଙ୍କ ମୁହଁକୁ ଅନାଇଲେ, କୃଷ୍ଣ କହିଲେ ଏକ ବିଡ଼ମ୍ବନା ଆଜି ପ୍ରଣାମ କରିବାକୁ ଭୁଲିଯାଇ କି ଦୁଃଖର ଲମ୍ବା ତାଲିକା ତୁମେ ଧରିଛ ? ବଡ଼ପଣ୍ଡା ସମୟ ନଷ୍ଟ ନକରି ଶ୍ୟାମଳୀର ଦୁଃଖ ଦୂର କରିବାକୁ କହିଲେ। ଏହି ସମୟରେ ବାହାରୁ ଶ୍ୟାମଳୀର କ୍ରନ୍ଦନର ସ୍ୱର ଶୁଭିବାକୁ ଲାଗିଲା। କୃଷ୍ଣ ହସି ଉଠିଲେ ଓ କହିଲେ ଶ୍ୟାମଳୀର ଦୁଃଖ କ'ଣ ଯାଣିଚ ? ମୁଁ ତାର ସମସ୍ତ ଦୁଃଖ ଦୂର କରିବାକୁ ରାଜି ଅଛି ହେଲେ ପଚାର ସେ ଚାହେଁ କ'ଣ ? ବଡ଼ପଣ୍ଡା ଶ୍ୟାମଳୀକୁ ଯେତେ ପଚାରିଲେ ମଧ୍ୟ ଶ୍ୟାମଳୀର ସେହି ଗୋଟିଏ ଉତ୍ତର ସେ ଜାଣନ୍ତି। କୃଷ୍ଣ ଉଭା ହେଲେ ପଚାରନ୍ତି କ'ଣ ଶ୍ୟାମଳୀର ଦୁଃଖ ବୁଝିଲ ? ଏହିପରି କିଛି ଦିନ ଗଲାପରେ ବଡ଼ପଣ୍ଡା ଜାଣି ପାରୁଛନ୍ତି ସେ ଶ୍ୟାମଳୀ ଓ କୃଷ୍ଣଙ୍କ ମଧ୍ୟରେ ଏକ ଖେଳନା ପାଲଟିଛନ୍ତି। ଦିନେ କୃଷ୍ଣ ବଡ଼ପଣ୍ଡାଙ୍କର ଦୁଃଖ ସହି ନପାରି କହୁଛନ୍ତି, 'ଆରେ ଶ୍ୟାମଳୀର ପ୍ରେମ ସ୍ୱାର୍ଥହୀନ ମୁଁ ତା ଉପରେ ନିର୍ଭରଶୀଳ, ସେ ମୋ ଉପରେ ନୁହେଁ। ମୁଁ ଯାହା ଦିଏ, ଯାହା କରେ ତାହା ଗ୍ରହଣୀୟ ହୋଇ ନଥିଲେ ମଧ୍ୟ ସେ ଗ୍ରହଣ କରେ ଓ କିଛି ମାଗେ ନାହିଁ। ସେ ମୋର ପ୍ରେମର ସ୍ରୋତ। ଭକ୍ତଙ୍କ ହୃଦୟକୁ ଦେଖିଲେ ତୁମେ ମତେ ଦେଖିବ କିନ୍ତୁ ମୋର ହୃଦୟକୁ ଦେଖିଲେ ତୁମେ ଶ୍ୟାମଳୀକୁ ଦେଖିବ। ମୁଁ ଏପରି ଭକ୍ତ ଓ ସୁନ୍ଦରତା ଚାହେଁ, ମୁଁ ତାର ଦୁଃଖ ପୂରଣ କଲେ ମୋର ସୁଖର ଅନ୍ତ ଘଟିବ ଏବଂ ଆମେ ସବୁଦିନ ପାଇଁ ଏକତ୍ର ହୋଇଯିବୁ। ସେ ମୋ ପାଇଁ କାନ୍ଦେ ଓ ମୁଁ ତା ପାଇଁ କାନ୍ଦେ, ସେହିଦିନ ଠାରୁ ବଡ଼ପଣ୍ଡା ଶ୍ୟାମଳୀକୁ ଆଉ କିଛି ପଚାରିବାକୁ ଚେଷ୍ଟା କଲେନାହିଁ। ସ୍ୱପ୍ନରେ ଦେଖୁଛି ଶ୍ୟାମଳୀ ମୃତ୍ୟୁବରଣ କରିଛି। ମୁଁ ତାର ଜୁଇ ନିକଟରେ ଠିଆ ହୋଇଛି। ମୋର ଆଖିରୁ ଲୁହ ଝରୁଛି। ସତରେ କ'ଣ ପ୍ରଭୁ ଜଗନ୍ନାଥ ଶ୍ୟାମଳୀ ଉପରେ ଯେପରି ନିର୍ଭର କରୁଥିଲେ ମୋ ଉପରେ ସେପରି ନିର୍ଭର କରିବେ ? ଏତିକିରେ ମୋର ସ୍ୱପ୍ନ ଭାଙ୍ଗି ଯାଇଛି ଆଉ କିଛି କହିବା ପାଇଁ ଭାଷା ନାହିଁ।

**ଅବସରପ୍ରାପ୍ତ ପ୍ରଧାପିକା, ସିଡିଏ, କଟକ, ୯୮୬୧୧୧୮୬୭୩**